# ଓଡ଼ିଶା ବିଧାନସଭା

(ଷଷ୍ଠ ଅଧିବେଶନ )

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ଶନିବାର, ୨୦ ଫେବୃଆରୀ, ୨୦୨୧

----

[ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ].

ମୋଟ ପ୍ରଶ୍ନ 30

----

### ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ Revolving Fund ପ୍ରଦାନ

*31 ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡ଼ିଶାରେ ପ୍ରତ୍ୟେକ ପଞ୍ଚାୟତରେ କିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ 15,000 ଟଙ୍କାର Revolving Fund ଦିଆଯାଉଥିଲାବେଳେ କିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ Revolving Fund ପାଇ ନପାରି ଘୋର ଅଶାନ୍ତିରେ କାଳାତିପାତ କରୁଛନ୍ତି ଏହି ସୁଯୋଗରେ Group Leader ମାନେ କ୍ଷମତାର ଅପପ୍ରୟୋଗ କରି Revolving Fund ଦେବାପାଇଁ ମହିଳା ଗ୍ରୁପଚୟନ କରିବାରେ ପକ୍ଷପାତିତା ଅବଲମ୍ବନ କରୁଛନ୍ତି ଏହିଭଳି ଘଟଣା ରାଜ୍ୟରେ ଘଟୁଥିବା ବେଳେ ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକ ଓ ଓଡ଼ଗାଁ ବ୍ଲକରେ ମଧ୍ୟ ଘଟୁଅଛି ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ ଗ୍ରାମ ପଞ୍ଚାୟତ ମାନଙ୍କରେ ଥିବା ସମସ୍ତ ମହିଳା ଗ୍ରୁପମାନଙ୍କୁ Revolving Fund ଦେଇ ମହିଳାମାନଙ୍କ ଅଶାନ୍ତି ଦୂର କରିବେ କି ?

----

### କୋରାପୁଟଠାରେ Science Park ନିର୍ମାଣ

*32 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) କୋରାପୁଟ ଜିଲ୍ଲାର ଜୟପୁର ଠାରେ ଏକ Science park ନିର୍ମାଣ ନିମନ୍ତେ ସରକାର ପ୍ରସ୍ତାବ ଦେଇଥିଲେ କି; ତାହା କାର୍ଯ୍ୟକାରୀ ନ ହେବାର କାରଣ କଣ; Science park ନିର୍ମାଣ ନହେବା ଦ୍ୱାରା କୋରାପୁଟ ଜିଲ୍ଲାକୁ ଅବହେଳା କରାଯାଉଛି କି; (ଖ) ଜିଲ୍ଲାରେ ସରକାରୀ ଜମିର ଅଭାବ ନଥିବାରୁ ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବେ କି ?

----

## ତନ୍ତୁବାୟ ସହଯୋଗ ସମିତି ମାଧ୍ୟମରେ ସଭ୍ୟ ଭୁକ୍ତ

*33 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳାହାଣ୍ଡି ଜିଲ୍ଲାରେ କେତେଗୋଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ମାଧ୍ୟମରେ କେତେଜଣ ବୁଣାକାର ସଭ୍ୟଭୁକ୍ତ ହୋଇ ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି ପ୍ରକାଶ କରି ବୁଣାକାରମାନଙ୍କୁ ଅତ୍ୟାଧୁନିକ ବସ୍ତ୍ର ବୟନ ତାଲିମ ପ୍ରଦାନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଦାଦନ ଶ୍ରମିକ ମାନଙ୍କୁ Skill Development Training ଦେବା

*34 **Shri. Santosh Singh Saluja (Kantabanji):**

Will the Minister for **Skill Development & Technical Education** be pleased to state that :- (କ) ରାଜ୍ୟ ସରକାର ଦାଦନ ପ୍ରବଣ ଅଞ୍ଚଳ ଯଥା Bolangiri, Nuwapada ଏରିଆରେ ଦାଦନ ଶ୍ରମିକ ମାନଙ୍କ ଉନ୍ନତି ପାଇଁ କି କି ପ୍ରକାର Skill - Development ବିଭାଗ ଯରିଆରେ Training ଦେଇଛନ୍ତି ଓ ମୋଟ କେତେ ଦାଦନ ଶ୍ରମିକ ଏହି Training ନେଇଛନ୍ତି, (ଖ) Skill Training ନେଲା ପରେ କେତେ ଜଣ ଦାଦନ ଶ୍ରମିକ କାର୍ଯ୍ୟ ଏହି ଜିଲ୍ଲା ମାନଙ୍କରେ କରୁଛନ୍ତି ଏହାର ଜିଲ୍ଲା Wise ତାଲିକା ଦେବେ କି ?

----

## ନୂତନ ଭତ୍ତା ଦେବା ପାଇଁ ଅର୍ଥ ବ୍ୟୟ

*35 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ସାମାଜିକ ସୁରକ୍ଷା ଯୋଜନାରେ କେତେ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ବିଧବାମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି, ଚଳିତ ବର୍ଷ ଆଉ କେତେ ଲୋକଙ୍କୁ କେଉଁ କେଉଁ ଯୋଜନାରେ ଭତ୍ତା ପ୍ରଦାନ କରାଯିବା ପାଇଁ ସରକାର ଲକ୍ଷ ରଖିଛନ୍ତି, ସେଥିପାଇଁ ଚଳିତ ବର୍ଷ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ?

----

## ସରକାରୀ ଉଦ୍ୟୋଗ ସ୍ଥିତି

***36 ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- 2010 ମସିହାଠାରୁ 2019 ମସିହା ମଧ୍ୟରେ କେଉଁ ମସିହାରେ କେଉଁ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଅଛି ଏବଂ ତାର ବର୍ତ୍ତମାନର ସ୍ଥିତିକଣ ରାଜ୍ୟରେ ଥିବା ସରକାରୀ ଉଦ୍ୟୋଗ ମଧ୍ୟରୁ ଗତ ପଞ୍ଚବର୍ଷ ମଧ୍ୟରେ କେଉଁ ବର୍ଷ କେଉଁ ସଂସ୍ଥା କେତେ ଲାଭ ଅବା କ୍ଷତି କରିଛନ୍ତି ତାର ବିଶଦ ବିବରଣୀ ଉପସ୍ଥାପନ କରିବେ କି ?

----

## ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ଫୋନ୍ ଯୋଗାଣ

***37 ଶ୍ରୀ ଜୟନାରାୟଣ ମିଶ୍ର (ସମ୍ବଲପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଅଙ୍ଗନବାଡି କର୍ମୀଙ୍କୁ ସରକାର 2019 ମସିହା ଡିସେମ୍ବର ଶେଷ ସୁଦ୍ଧା କେତୋଟି ମୋବାଇଲ ଫୋନ୍ ଦେଇଛନ୍ତି, ସୁଷମ ଖାଦ୍ୟ ଅଭାବଗ୍ରସ୍ତ ଶିଶୁମାନଙ୍କ ସଂଖ୍ୟା ଦେବାପାଇଁ ଅଙ୍ଗନବାଡି କର୍ମୀଙ୍କୁ କୁହାଯାଇଥିବାରୁ ଏପର୍ଯ୍ୟନ୍ତ ରାଜ୍ୟରେ କେତେ ସଂଖ୍ୟକ ଶିଶୁ ସୁଷମ ଖାଦ୍ୟ ଅଭାବଗ୍ରସ୍ତ ବା Under Nourishment ଅଛନ୍ତି ତା'ର ବ୍ଲକୱାରୀ ତାଲିକା ଦେବେ କି ?

----

## ଭଦ୍ରକଠାରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ସ୍ଥାପନ

***38 ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଭଦ୍ରକ ଜିଲ୍ଲାରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ସ୍ଥାପନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ବୁଣାକାରମାନଙ୍କୁ ପ୍ରୋତ୍ସାହନ

***39 ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବୁଣାକାରମାନଙ୍କୁ ପାରମ୍ପରିକ ପ୍ରାକୃତିକ ପରିବେଶ ଅନୁକୂଳ ରଙ୍ଗ ବ୍ୟବହାର ମାଧ୍ୟମରେ ବସ୍ତ୍ରବାୟକ ପାଇଁ ପ୍ରୋତ୍ସାହିତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସୁନ୍ଦରଗଡ ଜିଲ୍ଲାରେ ଥିବା ଦକ୍ଷତା ବିକାଶ କେନ୍ଦ୍ର

***40 ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସୁନ୍ଦରଗଡ ଜିଲ୍ଲାରେ କେତୋଟି ଦକ୍ଷତା ବିକାଶ କେନ୍ଦ୍ର କେଉଁ କେଉଁ ସ୍ଥାନରେ ଅଛି ଓ କେତେ ଛାତ୍ରଛାତ୍ରୀ ଏପର୍ଯ୍ୟନ୍ତ କେଉଁ କେଉଁ ବିଭାଗରେ ଟ୍ରେନିଂ ନେଇ ସାରିଲେଣି ଓ ଉପାର୍ଜନକ୍ଷମ ହେଲେଣି କହିବା ସଙ୍ଗେ ସଙ୍ଗେ କେଉଁ କେଉଁ stream ରେ ଟ୍ରେନିଂ ନେଇ ଆତ୍ମନିର୍ଭରଶୀଳ ହୋଇପାରିବା ଓ ଆତ୍ମନିଯୁକ୍ତି ପାଇଁ ରାସ୍ତା ଖୋଲିବ କହିବେକି, ସେହିଭଳି ଏହି ଜିଲ୍ଲାରେ କେତୋଟି ITI ଶିକ୍ଷାନୁଷ୍ଠାନ ଉଭୟ ଘରୋଇ ଓ ସରକାରୀଭାବେ ପିଲାମାନଙ୍କୁ ବିଭିନ୍ନ trade ରେ ଶିକ୍ଷାଦାନ କରୁଛନ୍ତି ଓ ଶିକ୍ଷାଦାନ ପରେ ସେମାନଙ୍କୁ ନିଯୁକ୍ତି,ଆତ୍ମନିଯୁକ୍ତି ପାଇଁ ସରକାରୀ ବ୍ୟବସ୍ଥା, ପ୍ରୋତ୍ସାହନ ସୁବିଧା କଣ ସବୁ ଅଛି?

----

## ବରିଷ୍ଠ ନାଗରିକ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

*41 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଚିଲିକା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ବର୍ତ୍ତମାନ କେତେ ବରିଷ୍ଠ ନାଗରିକ ଅଛନ୍ତି କେତେ ପୁରୁଷ, କେତେ ମହିଳା, ସେମାନଙ୍କର ପିଲାମାନେ ଦାୟିତ୍ୱ ନେଉନଥିବାର କେତୋଟି ଅଭିଯୋଗ ଆସିଛି, ତାହା ଉପରେ ବିଭିନ୍ନ ଜିଲ୍ଲାରେ କି ପ୍ରକାର ପଦକ୍ଷେପ ନିଆଯାଇଛି ?

----

## କୋଭିଡ ଯୋଗୁଁ ସରକାରୀ ଉଦ୍ୟୋଗ କ୍ଷତିଗ୍ରସ୍ତ

*42 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କୋଭିଡ୍-୧୯ ଯୋଗୁଁ କେଉଁ ସରକାରୀ ଉଦ୍ୟୋଗ ଗୁଡିକ କେତେ ପରିମାଣରେ ବ୍ୟବସାୟିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି; ସରକାର ହିସାବ କଲେଣି କି; ଯଦି 'ହଁ' ତେବେ ସେଗୁଡିକର ସୁଧାର ନିମନ୍ତେ ଯୋଜନା କ'ଣ ସବିଶେଷ ତଥ୍ୟ ଦେବେ କି ?

----

## ଅବହେଳିତ, ଦୁଃସ୍ଥ ଓ ବିଧବା ମହିଳାମାନଙ୍କୁ ସୁବିଧା ପ୍ରଦାନ

*43 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡିଶା ମହିଳା ଓବାଳିକା ନୀତି 2014 ବିଶେଷ କରି ବିଧାନସଭା ଓ ସଂସଦରେ ଏକ ତୃତୀୟାଂଶ ମହିଳାଙ୍କ ରାଜନୈତିକ ପ୍ରତିନିଧିତ୍ୱ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପ ପରିପ୍ରେକ୍ଷୀରେ ବିଗତ ଦୁଇଟି ସାଧାରଣ ନିର୍ବାଚନରେ ସରକାରୀ ଦଳ ବିଜେଡି କେତେ ବିଧାୟକ, ସାଂସଦଙ୍କୁ ପ୍ରାର୍ଥୀତ୍ୱ ଦେଇଛି, ରାଜ୍ୟର ବିକାଶରେ ନେତୃତ୍ୱ ଓ ନିଷ୍ପତ୍ତି ନେବା କ୍ଷେତ୍ରରେ କେତେ ମହିଳାଙ୍କୁ ସରକାର କେଉଁ କେଉଁ ଗୁରୁତ୍ୱପୂର୍ଣ୍ଣ ସରକାରୀ, ଅର୍ଦ୍ଧ ସରକାରୀ ପଦବୀରେ ନିଯୁକ୍ତି ଦେଇଛନ୍ତି, ସେ ନେଇ ସୂଚନା ଦେବେକି, ଅନ୍ୟପକ୍ଷରେ ରାଜ୍ୟରେ କେତେ ସଂଖ୍ୟକ ଅବହେଳିତ, ଦୁଃସ୍ଥ, ବିଧବା ତଥା ସିଙ୍ଗଲ ମହିଳା ପ୍ରଭୃତି ବିଭିନ୍ନ ପ୍ରକାରର ନିର୍ଯାତିତା ମହିଳା ରହିଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଘରପଟ୍ଟା ଓ ଅନ୍ୟାନ୍ୟ କି ସୁବିଧା ଦିଆଯାଇଛି ତାର ଗତ ୬ ବର୍ଷର ଜିଲ୍ଲା ତଥା ବର୍ଷୱାରୀ ତଥ୍ୟ ଦେବେକି?

----

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା

***44 ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର କେଉଁ କେଉଁ ଜିଲ୍ଲାରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲାବେଳେ କେଉଁଠାରେ ନିର୍ମାଣାଧୀନ ଅଛି, ପ୍ରତ୍ୟେକ ଜିଲ୍ଲାରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ହସ୍ତଶିଳ୍ପ କାରୀଗରମାନଙ୍କୁ ପ୍ରୋତ୍ସାହନ

***45 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳାହାଣ୍ଡି ଜିଲ୍ଲାରେ ହସ୍ତଶିଳ୍ପ କାରୀଗରମାନଙ୍କୁ ପ୍ରୋତ୍ସାହିତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି D.I.C. ମାଧ୍ୟମରେ କେତେଜଣଙ୍କୁ subsidy ପ୍ରଦାନ କରାଯାଇଛି ଗତ ପାଞ୍ଚବର୍ଷରେ ତାର ଏକ ତାଲିକା ପ୍ରଦାନ କରିବେ କି ?

----

## ଯୁବକ/ଯୁବତୀମାନଙ୍କୁ କୌଶଳ ବିକାଶ ପ୍ରଶିକ୍ଷଣ

***46 ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ସରକାର କେତେ ସଂଖ୍ୟକ ଯୁବକ ଯୁବତୀଙ୍କୁ କୌଶଳ ବିକାଶ ପ୍ରଶିକ୍ଷଣ ଦେଇ କୁଶଳୀ, ଅତି କୁଶଳୀ ଶ୍ରମିକ ଭାବେ ଗଢ଼ି ପାରିଛନ୍ତି; ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟକ କୁଶଳୀ, ଅତି କୁଶଳିଙ୍କୁ ଫନି ବାତ୍ୟା ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଥିଲା; ସେମାନଙ୍କୁ ମଜୁରି ଓ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ଦୈନିକ କେତେ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି; ସେମାନଙ୍କର ଦକ୍ଷତା ବିକାଶ ସ୍ତର କେତେ ଆକଳନ କରାଯାଇଛି ; ଆଗାମୀ ଦିନରେ ରାଜ୍ୟ ସରକାର ସେମାନଙ୍କୁ ପ୍ରତ୍ୟକ୍ଷ କର୍ମସଂସ୍ଥାନ ଯୋଗାଇଦେବା ନିମନ୍ତେ କିକି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି; ସେମାନଙ୍କ ମଧ୍ୟରୁ କେତେ ଜଣ ବିଶ୍ୱସ୍ତରୀୟ କର୍ମ ନିୟୋଜନ ଦକ୍ଷତା ହାସଲ କରିପାରିଛନ୍ତି ଏବଂ ଦେଶ ବାହାରେ କାମ କରିବାକୁ ଅଫର ପାଇଛନ୍ତି ?

----

## Registration କରିଥିବା ଭିନ୍ନକ୍ଷମଙ୍କ ସଂଖ୍ୟା

*47 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାୟଗଡା ଜିଲ୍ଲାରେ କେତେଜଣ ଭିନ୍ନକ୍ଷମ Registration କରିଛନ୍ତି, ନିଯୁକ୍ତି ଶିକ୍ଷା କ୍ଷେତ୍ରରେ ଏବଂ self employment ପାଇଁ ସରକାର ଭିନ୍ନକ୍ଷମ ମାନଙ୍କ ପାଇଁ କି କି ପଦକ୍ଷେପ ନେଇଛନ୍ତି ତାର ସବିଶେଷ ବିବରଣୀ ଦେବେ କି ?

----

## ଲାଭରେ ଚାଲୁଥିବା P.S.U

*48 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ସମୁଦାୟ P.S.U. ସଂଖ୍ୟା କେତେ, ତନ୍ମଧ୍ୟରୁ କେତୋଟି ଲାଭରେ ଚାଲିଛି, ଯେଉଁଗୁଡିକ କ୍ଷତିରେ ଚାଲିଛି ତା'ର ପୁନଃଉଦ୍ଧାର କରିବା ପାଇଁ ସରକାରଙ୍କର ପଦକ୍ଷେପ କ'ଣ, କଳିଙ୍ଗନଗର ସ୍ଥିତ ନୀଳାଚଳ ଇସ୍ପାତ ନିଗମର ସ୍ଥିତି ସମ୍ପର୍କରେ ସୂଚନା ଦେବେ କି ?

----

## ନୂତନ ଅଙ୍ଗନୱାଡି କେନ୍ଦ୍ର ପାଇଁ ପ୍ରସ୍ତାବ

*49 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଉମରକୋଟ ନିର୍ବାଚନ ମଣ୍ଡଳୀରେ କେତୋଟି ନୂତନ ଅଙ୍ଗନୱାଡି କେନ୍ଦ୍ର ଓ କେତୋଟି ନୂତନ ମିନି ଅଙ୍ଗନୱାଡି କେନ୍ଦ୍ର କରିବା ପାଇଁ ପ୍ରସ୍ତାବ ରହିଛି କି ; ଯଦି ରହିଛି ତେବେ ଏହା କେତେଦିନ ଭିତରେ କାର୍ଯ୍ୟକାରୀ କରାଯିବ ?

----

## ଗବେଷଣା ଓ ବିକାଶ ନିମନ୍ତେ Incubation Centre ସ୍ଥାପନ

*50 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଜୈବ ପ୍ରକୃତିରେ ରାଜ୍ୟ ସରକାର ଜୀବ ବିଜ୍ଞାନ ସଂସ୍ଥାନ (Institute of Life Science) ରେ ଗବେଷଣା ଓ ବିକାଶ ନିମନ୍ତେ ଏକ Incubation Centre ସ୍ଥାପନ କରିବା ପାଇଁ ନେଇଥିବା ନିଷ୍ପତ୍ତି କେତେଦୂର ଆଗେଇଛି, 2020-21 budget ରେ ଏଇଥିପାଇଁ କେତେ ଅର୍ଥ ପ୍ରଦାନ କରାଯାଇଅଛି, ଏହି Incubation Centre ଖୋଲାଗଲେ କି କି ଲାଭ ହୋଇପାରିବ ଜଣାଇବେ କି ?

----

## ବୁଣାକାରମାନଙ୍କୁ ସ୍ଥାୟୀ ଜୀବିକା ସୁଯୋଗ

*51 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡ଼ିଶାରେ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ପରିପ୍ରେକ୍ଷୀରେ କେତେ ବୁଣାକାରମାନଙ୍କୁ ସ୍ଥାୟୀ ଜୀବିକା ସୁଯୋଗ ଯୋଗାଇ ଦିଆଯାଇଛି, ଆହୁରି କେତେ ବୁଣାକାର, ହସ୍ତଶିଳ୍ପୀ ବାଦ ପଡ଼ିଛନ୍ତି, ସେମାନଙ୍କୁ କେବେ ସୁଦ୍ଧା ନିଶ୍ଚିତ ଜୀବିକା ସୁଯୋଗ ଉପଲବ୍ଧ ହେବ, ଏହି କ୍ଷେତ୍ରରେ କେତେ ଜଣଙ୍କୁ ନିଯୁକ୍ତି ସୁଯୋଗ ଉପଲବ୍ଧ ଏବଂ କେତେଜଣଙ୍କୁ କେଉଁ କେଉଁ ସଂସ୍ଥାରେ ନିଯୁକ୍ତି ମିଳିଛି, ଦେଶର ହସ୍ତତନ୍ତ ଓ ହସ୍ତଶିଳ୍ପ ରପ୍ତାନୀ କ୍ଷେତ୍ରରେ ଓଡ଼ିଶାର ଭାଗ କେତେ, ଓଡ଼ିଶାକୁ ଉଭୟ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ବ୍ରାଣ୍ଡ ସୃଷ୍ଟି କରିବା ଦିଗରେ ସରକାର କି କି ପଦକ୍ଷେପ ନେଇଛନ୍ତି, ସେ କ୍ଷେତ୍ରରେ ଅଦ୍ୟାବଧି କେତେ ସଫଳତା ମିଳିଛି ସେ ସମ୍ପର୍କିତ ବିଗତ 5 ବର୍ଷର ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ପଞ୍ଜିକୃତମାନଙ୍କୁ ନିଯୁକ୍ତି ଦେବା

*52 **Shri. Mukesh Mahaling (Loisingha):**

Will the Minister for **Skill Development & Technical Education** be pleased to state that :- Dist. Employment Exchange ର Live Register ଅନୁଯାୟୀ ପ୍ରତିବର୍ଷ ଆରମ୍ଭରେ କେତେଜଣ Unemployed Youth ଥିଲେ, ସେହି ବର୍ଷ କେତେଜଣ ପଞ୍ଜିକୃତ ହେଲେ ଓ କେତେଜଣ Placement/Employment ହେଲାପରେ କେତେଜଣ Live Register ଅନୁଯାୟୀ Employment ପାଇଁ ଅପେକ୍ଷାରତ ହେଲେ ତା.01.01.2010 ରୁ 31.12.2020 ସୁଦ୍ଧା ଜିଲ୍ଲାୱାରୀ ବର୍ଷୱାରୀ ସମ୍ପୂର୍ଣ୍ଣ ତଥ୍ୟ ଦେବେ କି?

----

## ଅଙ୍ଗନୱାଡି କେନ୍ଦ୍ରର ଥିବା ନିଜସ୍ୱ ଗୃହ

*53 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ମୋଟ ଅଙ୍ଗନୱାଡି କେନ୍ଦ୍ର ସଂଖ୍ୟା କେତେ, ସେଥିମଧ୍ୟରୁ କେତେ ଅଙ୍ଗନୱାଡି ଗୃହ ଅଛି ଓ କେତେ ଗୃହ ନିର୍ମାଣ ହୋଇନାହିଁ, ସବୁ ଗୃହ ନିର୍ମାଣ ସକାଶେ ସରକାରଙ୍କର ନୀତିଗତ ନିଷ୍ପତ୍ତି ହୋଇଥିଲେ ହେଁ କେଉଁ କାରଣରୁ ପ୍ରତିବନ୍ଧକ ସୃଷ୍ଟି ହୋଇଛି ଓ ଏହାର ସୁଧାର ପାଇଁ ସରକାରଙ୍କର ପଦକ୍ଷେପ କଣ, ଏହା କଣ ସତ୍ୟ, କେତେକ ସ୍ଥାନରେ ଗୃହ ନିର୍ମାଣ ହୋଇଥିଲେ ହେଁ କେନ୍ଦ୍ରକୁ ହସ୍ତାନ୍ତର ହୋଇନାହିଁ ଓ ହସ୍ତାନ୍ତର ହୋଇଥିଲେ ବ୍ୟବହାର କରାଯାଉନାହିଁ ?

----

## Astro Physic ବିଦ୍ୟାର ବିକାଶ

*54 **Shri. Prasanta Behera (Salipur):**

Will the Minister for **Social Security & Empowerment of Persons with Disabilities, Public Enterprises, Science and Technology** be pleased to state that :- ରାଜ୍ୟରେ Astro Physic ବିଦ୍ୟାର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଛାତ୍ରଛାତ୍ରୀଙ୍କୁ ହସ୍ତତନ୍ତ ବସ୍ତ୍ର ପ୍ରଦାନ

*55 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ହସ୍ତତନ୍ତ ବସ୍ତ୍ର ବିକ୍ରୟ ବୃଦ୍ଧି ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଅଙ୍ଗନବାଡି କର୍ମୀ, ସହାୟିକା, ଆଶାକର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ପାଇଁ ପରିଧାନ ସହିଂତାରେ (Dress Code) ରେ ହସ୍ତତନ୍ତ ବସ୍ତ୍ରକୁ ସାମିଲ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କାର୍ଯ୍ୟ କରୁଥିବା ପଞ୍ଜିକୃତ SS Group

*56 **Smt. Kusum Tete (Sundargarh):**

Will the Minister for **Women & Child Development & (Mission Shakti)** be pleased to state that :- ଓଡିଶାରେ କେତୋଟି ପଞ୍ଜିକୃତ SSG ବା ସ୍ୱୟଂ ସହାୟିକା ଗୋଷ୍ଠୀ କାର୍ଯ୍ୟ କରୁଛି, ସରକାର ଏହି SSG ଙ୍କୁ କେତେଟଙ୍କା ବିଗତ 10 ବର୍ଷରେ ଜିଲ୍ଲା ଓ ବର୍ଷୱାରୀ ଦେଇଛନ୍ତି ତା'ର ତାଲିକା ଦେବାସହ ମହିଳା ମାନଙ୍କୁ ରୋଜଗାର କ୍ଷମ କରିବା ପାଇଁ କେଉଁ କେଉଁ ଟ୍ରେଡରେ କେତେଜଣଙ୍କୁ Skill Development ପାଇଁ ତାଲିମ ଦେଇଛନ୍ତି ତା'ର ଜିଲ୍ଲାୱାରୀ ତାଲିକା ଦେବେ କି ?

----

## ପୋଷ୍ୟପୁତ୍ର ଗ୍ରହଣ ପାଇଁ ବ୍ୟବସ୍ଥା

*57 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ପୋଷ୍ୟପୁତ୍ର ଗ୍ରହଣ ପାଇଁ କି କି ବ୍ୟବସ୍ଥା ମାନ ଅଛି ସେ ସମ୍ପର୍କୀତ ତଥ୍ୟ ପ୍ରକାଶ କରିବା ସହ ନିଃସନ୍ତାନ ଦମ୍ପତି, ନିଜ ଭାତୃପୁତ୍ର, ଭଗ୍ନୀପୁତ୍ର ଓ ଆତ୍ମୀୟ ସ୍ୱଜନଙ୍କୁ ତଥା ରକ୍ତ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ସନ୍ତାନମାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣକୁ ଆଇନଗତ ମାନ୍ୟତା ପ୍ରଦାନ ପାଇଁ ପଦକ୍ଷେପମାନ ଗ୍ରହଣ କରିବେ କି ?

----

## ମହିଳା କମିଶନ ଓ ଶିଶୁ କମିଶନ ଦ୍ୱାରା ଉଲ୍ଲେଖନୀୟ ପଦକ୍ଷେପ

*58 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଥିବା ମହିଳା କମିଶନ ଓ ଶିଶୁ କମିଶନ ଗତ ୩ବର୍ଷ ଭିତରେ କି କି ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି ଓ ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଓ ଅଧିକାର ସୁରକ୍ଷା ଦେବାରେ ଫଳପ୍ରଦ ହୋଇଛି କହିବେ କି; ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା, ବିବାହ ବିଚ୍ଛେଦ, ବାଲ୍ୟ ବିବାହ, ଦୁଷ୍କର୍ମ, ପ୍ରେମ ପ୍ରତାରଣା ଓ ଧୋକା ଦେବା ଭଳି ଏମିତି ଅନେକ ମହିଳା ବିରୋଧୀ ଘଟଣାମାନ କେତେ କେସ୍ ମହିଳା କମିଶନ ଗତ ୩ବର୍ଷରେ ପାଇଛନ୍ତି, କେତେ ମହିଳାଙ୍କୁ ନ୍ୟାୟ ଦେଇଛନ୍ତି କହିବେ କି; ଅଧୁନା ମହିଳା କମିଶନରେ କେତେ କେସ୍ ପେଣ୍ଡିଙ୍ଗ ଅଛି କେତେ ସଦସ୍ୟ ପଦ ଖାଲିଅଛି କହିବା ସଙ୍ଗେ ସଙ୍ଗେ ଶିଶୁ କମିଶନ, ଶିଶୁ ଅପହରଣ ରୋକିବା, ଶିଶୁମାନଙ୍କୁ (ନିଖୋଜ) ଓ ଉଦ୍ଧାର କରିବା, ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି streamlineକୁ ଆଣିବା ପାଇଁ କି ପଦକ୍ଷେପ ନେବେ କି ?

----

## ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାହାର୍ଯ୍ୟ

*59 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପରୁ ବ୍ଲକ ଓ ଓଡ଼ଗାଁ ବ୍ଲକରେ ଥିବା ଗ୍ରାମ ପଞ୍ଚାୟତ ମାନଙ୍କରେ 2015 - 16 ମସିହାଠାରୁ ଅଦ୍ୟାବଧି ଗ୍ରାମ ପଞ୍ଚାୟତୱାରୀ, ବର୍ଷୱାରୀ କେତେ ଜଣ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାହାର୍ଯ୍ୟ ପାଇଁ ଆବେଦନ କରିଛନ୍ତି ଓ କେତେଜଣଙ୍କୁ ଆର୍ଥିକ ସାହାର୍ଯ୍ୟ ପ୍ରଦାନ କରାଯାଇଛି ଓ କେତେଜଣ ଆର୍ଥିକ ସାହାର୍ଯ୍ୟ ପାଇ ପାରିନାହାନ୍ତି ତାହାର ସମ୍ପୂର୍ଣ୍ଣ ବିବରଣୀ ନାମ ଓ ଗ୍ରାମ ସହିତ ପ୍ରଦାନ କରିବେ କି; ଆର୍ଥିକ ସାହାର୍ଯ୍ୟ ପାଇ ନଥିବା ହିତାଧିକାରୀ ମାନଙ୍କୁ କେବେସୁଦ୍ଧା ଆର୍ଥିକ ସାହାର୍ଯ୍ୟ ପ୍ରଦାନ କରାଯିବ ?

----

## ଅଚଳ ଉଦ୍ୟୋଗ ଗୁଡ଼ିକୁ ସଚଳ କରିବା ପାଇଁ ପଦକ୍ଷେପ

*60 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର ସରକାରୀ ଉଦ୍ୟୋଗ ଗୁଡ଼ିକ ମଧ୍ୟରୁ କେତେ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି; ସେଗୁଡ଼ିକୁ ସଚଳ କରାଯିବା ପାଇଁ ସରକାର ଚିନ୍ତା କରୁଛନ୍ତି ଅଥବା ସେଗୁଡ଼ିକର ଜମିବାଡ଼ି ବିକ୍ରୀ କରିବାକୁ ଉଦ୍ୟମ ହେଉଛି; କେଉଁ କେଉଁ ସଂସ୍ଥାର କେତେ ଜମି ବେକାର ପଡ଼ିଛି ତାହାର ସ୍ୱଷ୍ଟ ବିବରଣୀ ଦେବେ କି; ତାହା ମଧ୍ୟରେ କୋରାପୁଟ ଜିଲ୍ଲାରେ ମୂଲ୍ୟବାନ ଜମି ଅନ୍ତର୍ଭୁକ୍ତ ଅଛି କି?

----

**ଭୁବନେଶ୍ୱର.** | **ଦାଶରଥୀ ଶତପଥୀ,**

**ଶନିବାର, ୨୦ ଫେବୃଆରୀ, ୨୦୨୧ .** | **ସଚିବ**